
Bakul Books



# ପିନାକି

ଗପ- ଶ୍ରୀତମ୍, ଆଲୋକ, ରାହୁଲ, ଶକ୍ତି, ସୁଭଦ୍ରା, ପ୍ରଣତି, ପ୍ରିୟଦର୍ଶିନୀ, ତପସ୍ୱିନୀ

ଚିତ୍ର - ଦିବ୍ୟୁଷ ଜେନା




# ପିନାକି

## Pinaki

© ବକୁଳ ଫାଉଣ୍ଡେସନ୍

ପ୍ରଥମ ସଂସ୍କରଣ ୨୦୧୭
ପୃଷ୍ଠା- ୨୦
ମୂଲ୍ୟ- ଟ.୪୦/-



**ମୁଖ୍ୟ ସମ୍ପାଦକ**
ଦାଶ ବେନହୁର

**ସମ୍ପାଦକ**
ସ୍ୱାଗତିକା ସେଠୀ

**ପ୍ରକାଶକ**
ଯତୀନ୍ଦ୍ର କୁମାର ନାୟକ
ବକୁଳ ଫାଉଣ୍ଡେସନ୍, ୧୬ ସତ୍ୟ ନଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ ୯୨୩୮୪୦୪୦୪୦

**ମୁଦ୍ରକ**
ଏବି ଇମାଜିଙ୍ଗ ଏଣ୍ଡ ପ୍ରିଣ୍ଟସ୍
୬୨-୬୩, ଗଙ୍ଗ ନଗର, ୟୁନିଟ୍- ୬
ଭୁବନେଶ୍ୱର- ୭୫୧୦୦୩

**ଅକ୍ଷର ସଜ୍ଜା**
ସୂତ୍ର ଆଡଭର୍ଟାଇଜିଙ୍ଗ୍

contactbakul@gmail.com
www.books.bakul.org



# ପିନାକି


ଗପ- ଶ୍ରୀତମ୍ ସାହୁ, ଆଲୋକ ସାହୁ, ରାହୁଲ ସାହୁ, ଶକ୍ତି ସ୍ୱରୂପ ବେହେରା, ସୁଭଦ୍ରା ସାହୁ, ପ୍ରଣତି ସେଠୀ, ପ୍ରିୟଦର୍ଶିନୀ ସାହୁ, ତପସ୍ୱିନୀ ବେହେରା

ଚିତ୍ର - ଦିବ୍ୟୁଷ ଜେନା



Bakul Books

ସେଦିନ ପିନାକି ପଢୁଥିବା ବିଦ୍ୟାଳୟକୁ ଜଣେ ଦିଦି ଆସିଥିଲେ ।
ସେ ହାତଧୁଆର ଉପକାରିତା ବିଷୟରେ ବୁଝାଇଲେ ।



ଏହା ଶୁଣି ପିନାକିକୁ ହସ ଲାଗିଲା । ସେ କହିଲା, 'ଦିଦି, ମୁଁ କେବେ ହାତ ଧୋଇ ଖାଏ ନାହିଁ । ଏପରିକି ଝାଡ଼ାଗଲା ପରେ ମଧ୍ୟ ସାବୁନ୍‌ରେ ହାତ ଧୁଏ ନାହିଁ । କାହିଁ, ମୋର ତ କିଛି ହେଉ ନାହିଁ ?' ଦିଦି ଅନେକ ବୁଝାଇବା ସତ୍ତ୍ୱେ ସେ ତାଙ୍କ କଥାକୁ ହସରେ ଉଡ଼ାଇ ଦେଲା ।



ବିଦ୍ୟାଳୟ ଛୁଟି ହେଲା । ପିନାକି ଗୁପ୍‌ଚୁପ୍‌ବାଲାକୁ ଦେଖି ହାତ ଧୋଇବା କଥା ଭୁଲିଯାଇ ଗୁପ୍‌ଚୁପ୍ ଖାଇବାକୁ ଲାଗିଲା ।



ଏହା ଦେଖି ତା' ସାଙ୍ଗ ରୋହିତ କହିଲା, 'ଆରେ ପିନାକି, ଦେଖ୍ ତୁ ହାତ ଧୋଇ ନଖାଇବାରୁ ତୋ ପେଟ କେମିତି ଫୁଲିବାରେ ଲାଗିଛି ।' ପିନାକି ଚିଡ଼ିଯାଇ କହିଲା, 'ତୁ ମିଛରେ ମୋତେ ସବୁବେଳେ ଚିଡ଼ାଉଛୁ ।' ଏହା କହି ସେ ନିଜ ଘରକୁ ଚାଲିଗଲା ।




ଘରେ ମା' ପିନାକିକୁ କହିଲେ, 'ଦେଖିଲୁ ପିନାକି, ବାପା ତୋ ପାଇଁ କ'ଣ ଆଣିଛନ୍ତି ?' ମା'ଙ୍କ ପାଟିରୁ କଥା ନ ସରୁଣୁ ପିନାକି ବାପା ଆଣିଥିବା ବରା, ଆଳୁଚପ୍, ସିଙ୍ଗଡା ଆଦି ଖାଇବାରେ ଲାଗିପଡ଼ିଲା ।




ଏହା ଦେଖି ମା’ ପଚାରିଲେ, ‘ପିନାକି, ତୁ ହାତ ନ ଧୋଇ କାହିଁକି
ଖାଉଛୁ ?’ ପିନାକି ଉତ୍ତର ଦେଲା, ‘ହାତ ଧୋଇବା କ’ଣ
ଦରକାର ? ହାତ ନଧୋଇଲେ କିଛି ଅସୁବିଧା ହେବନାହିଁ ।’



ଏତିକି ବେଳେ ବାପା ଆଶ୍ଚର୍ଯ୍ୟ ହୋଇ କହିଲେ, 'ଆରେ ପିନାକି,
ତୋର ପେଟ କ'ଣ ଫୁଲିବାକୁ ଲାଗିଲାଣି ?' ଏହା ଶୁଣି ସେ ଚିଡ଼ି
ଉଠି କହିଲା, 'ବାପା, ମିଛରେ କାହିଁକି ମୋତେ ଚିଡ଼ାଉଛ ?'
ପିନାକି ଖାଇ ସାରି ଖେଳିବା ପାଇଁ ବାହାରିଗଲା ।



ଖେଳିବାକୁ ଗଲାବେଳେ ବାଟରେ ସେ
ଏକ ବଡ଼ ଜାମୁକୋଳି ଗଛ ଦେଖିଲା ।
ସେଥିରେ ଜାମୁକୋଳି ପାଚି ପେନ୍ଥା ପେନ୍ଥା
ହୋଇ ଝୁଲୁଥିଲା । ପିନାକିର ଜାମୁକୋଳି
ଖାଇବାକୁ ଭାରି ଲୋଭ ହେଲା ।






ସେ ଗଛକୁ ଟେକା ମାରିଲା । କିଛି ପାଚିଲା ଜାମୁକୋଳି ତଳକୁ
ଖସିପଡ଼ିଲା । ପିନାକି ଧୂଳିମାଟି ଲଗା ଜାମୁକୋଳିକୁ ହାତରେ
ଝାଡ଼ିଦେଇ ଖାଇବାକୁ ଲାଗିଲା ।






ସେତିକିବେଳେ ହଠାତ୍ ପିନାକିର ପେଟ ଗୁଡୁ ଗୁଡୁ ହୋଇ ବଢ଼ିବାକୁ ଲାଗିଲା । ସେ ଯେତେଟା କୋଳି ତା’ ପାଟିରେ ପକାଉଥାଏ, ତା’ ପେଟ ସେତେ ଗୁଡୁ ଗୁଡୁ ହୋଇ ବଢ଼ିବାକୁ ଲାଗିଥାଏ । ଶେଷରେ ପେଟ ବଢ଼ି ବଢ଼ି ବେଲୁନ୍ ପରି ହୋଇଗଲା ।



ତା'ର ଏ ଅବସ୍ଥା ଦେଖି ସାଙ୍ଗମାନେ ହୋ ହୋ ହୋଇ ହସିଉଠିଲେ ।





ହେଲେ ସେ ନିଜ ବଢ଼ନ୍ତା
ପେଟକୁ ଦେଖି ଡରିଯାଇ ବିକଳରେ
କାନ୍ଦିବାକୁ ଲାଗିଲା । ତା' ପେଟ
ଫୁଲି ଫୁଲି ଶେଷରେ ଢୋ... ଶବ୍ଦ
କରି ଫାଟିଗଲା ।



ସେଇ ପେଟ ଫାଟିବା ଶବ୍ଦ ଓ ନିଜ କାନ୍ଦରେ
ପିନାକି ଚମକି ଉଠି ପଡ଼ିଲା । ଦେଖିଲା ତା' ପେଟ
ଫାଟିନି ଓ ସେ ଶ୍ରେଣୀକକ୍ଷରେ ଶୋଇ ପଡ଼ିଛି ।
ଆଉ ଖାଇବା ଛୁଟିରେ ସବୁପିଲା ମଧ୍ୟାହ୍ନଭୋଜନ
ପାଇଁ ଚାଲି ଯାଇଛନ୍ତି ।

ସେ ମଧ୍ୟ ମଧ୍ୟାହ୍ନଭୋଜନ କରିବାକୁ ଗଲା । ଦିଦି ତା'
ଆଗରେ ଗରମ ଗରମ ଖାଇବା ବାଢ଼ିଦେଲେ । ସେ
ଖୁସିରେ ଗୁଣ୍ଡାଏ ପାଟିରେ ପୂରାଇଲା ବେଳକୁ ପୂର୍ବରୁ
ଦେଖିଥିବା ସ୍ୱପ୍ନଟି ତା'ର ମନେ ପଡ଼ିଗଲା ।



ସେ ଖାଇବା ଛାଡ଼ି ହାତ ଧୋଇବା ପାଇଁ ଉଠିଗଲା ।



## ବହି ବିଷୟରେ କିଛି

ଅନୁଗୁଳରେ ବକୁଳ ଫାଉଣ୍ଡେସନ ଓ ୟୁନିସେଫ୍‌ର ମିଳିତ ଉଦ୍ୟମରେ ହାତଧୁଆ ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଠାରେ ଦୀପ୍ଷା ଧଳଙ୍କ ସହାୟତାରେ ସୃଜନାତ୍ମକ ଲିଖନ କର୍ମଶାଳାରେ ପିନାକି ଗଳ୍ପଟି ସୁରାବ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଳ୍ପ କେତେଜଣ ଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ।

## ବକୁଳ ବୁକ୍ସ ବିଷୟରେ ଦୁଇ ପଦ

ବିଗତ ୨୦୦୭ ମସିହାରୁ ପାଠାଗାର ଆନ୍ଦୋଳନ ମାଧ୍ୟମରେ ପିଲାମାନଙ୍କ ଭିତରେ ବହି ପଢିବାର ଆଗ୍ରହ ସୃଷ୍ଟି କରିଆସୁଛି ବକୁଳ ଫାଉଣ୍ଡେସନ୍ । ପିଲାଙ୍କୁ ବହିମୁହାଁ କରାଇବାରେ ବକୁଳ ଫାଉଣ୍ଡେସନ୍‌ର ଅନ୍ୟତମ ପ୍ରଚେଷ୍ଟା ହେଉଛି ବକୁଳ ବୁକ୍ସ । ଏହା କମ୍ ମୂଲ୍ୟରେ ବିଶ୍ୱସ୍ତରୀୟ ଛବିବହି ପ୍ରକାଶ କରି ପିଲାମାନଙ୍କ ପଢିବା ଆଗ୍ରହକୁ ଆଗେଇ ନେବାଲାଗି ପ୍ରୟାସ କରୁଛି ।



ଯିଏ ଯେତେ ବୁଝେଇଲେ ମଧ୍ୟ ପିନାକି କେବେ ହାତ ଧୋଇ ଖାଏନାହିଁ । ଦିନେ ତା'ର ପେଟ ଗୁଡୁ ଗୁଡୁ ହୋଇ ବଢ଼ିବାକୁ ଲାଗିଲା । ଯେତେ ଖାଉଥାଏ ତା' ପେଟ ସେତେ ଗୁଡୁ ଗୁଡୁ ହୋଇ ବଢ଼ି ଚାଲିଥାଏ । ତା' ବଢୁଥିବା ପେଟର ଅବସ୍ଥା କ'ଣ ହେଲା ଚାଲ ଜାଣିବା ।

**Rs. 40/-**


Bakul Books

www.books.bakul.org